ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/SME(Od)/257/26-02-2024**

## ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ
## ବିଗତ ବର୍ଷ ସୁଦ୍ଧା ପ୍ରାୟ ୪୩ ହଜାର ପିଲା ପାଇଛନ୍ତି ନିଃଶୁଳ୍କ ପାଠ ପଢ଼ିବାର ସୁଯୋଗ

ଭୁବନେଶ୍ୱର,୨୬/୦୨/୨୦୨୪:

ଆମ ରାଜ୍ୟ ଓଡ଼ିଶାରେ ୨୦୧୦ ମସିହାରୁ ଶିକ୍ଷା ଅଧିକାର ଅଧିନିୟମ (ଆର୍‌ଟିଇ) କାର୍ଯ୍ୟକାରୀ ହେଉଛି । ଶିକ୍ଷା ଅଧିକାର ୨୦୦୯ ଧାରା ୧୨.୧.ସି ଆଇନ ଅନୁସାରେ ପ୍ରତ୍ୟେକ ଓଡ଼ିଆ/ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ପ୍ରବେଶ ସ୍ତରରେ ୨୫% ସ୍ଥାନ ସଂରକ୍ଷିତ ରହିଛି ଓ ସେମାନଙ୍କୁ ନିଃଶୁଳ୍କ ଶିକ୍ଷାଦାନ ଦିଆଯାଉଛି । ଉକ୍ତ ବେସରକାରୀ ବିଦ୍ୟାଳୟମାନଙ୍କୁ ଏଥି ନିମନ୍ତେ ସରକାରଙ୍କ ତରଫରୁ ପ୍ରତିପୂରଣ ଖର୍ଚ୍ଚ ଯୋଗାଇ ଦିଆଯାଉଛି । ବିଗତ ବର୍ଷ ସୁଦ୍ଧା ପ୍ରାୟତଃ ୪୩ ହଜାର ପିଲା ନିଃଶୁଳ୍କ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି । ୨୦୨୨-୨୩ରେ ପ୍ରତ୍ୟେକ ପିଲାଙ୍କ ପାଇଁ ବାର୍ଷିକ ହାରରେ ସର୍ବାଧିକ ୨୨,୨୩୯ ଟଙ୍କା (ୟୁନିଫର୍ମ, ମଧ୍ୟାହ୍ନ ଭୋଜନ ଓ ପାଠ୍ୟପୁସ୍ତକ ବିନା) ଦିଆଯାଉଛି, ଯାହାକି ଭାରତର ସର୍ବାଧିକ ପଇସା ପଇଠ କରୁଥିବା ରାଜ୍ୟ ମଧ୍ୟରୁ ଅନ୍ୟତମ । ଅଦ୍ୟାବଧି (୨୦୧୪-୧୫ଠାରୁ ୨୦୨୨-୨୩ ପର୍ଯ୍ୟନ୍ତ) ଆର୍‌ଟିଇ ୧୨.୧.ସିରେ ପ୍ରାୟତଃ ୨୪,୨୯,୪୫,୨୦୪ ଟଙ୍କା ବେସରକାରୀ ବିଦ୍ୟାଳୟମାନଙ୍କୁ ପ୍ରଦାନ କରାଯାଇଛି ।

ଚଳିତ ବର୍ଷ ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଏ ଯାବତ୍ ୩୪ ହଜାର ୪୪୬ଟି ସଂରକ୍ଷିତ ସ୍ଥାନ ପାଇଁ ୨୮୦୫ ବେସରକାରୀ ବିଦ୍ୟାଳୟ ପଞ୍ଜିକରଣ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୭୨୫୨ ପିଲା ଉକ୍ତ ପୋର୍ଟାଲ ମାଧ୍ୟମରେ ଆବେଦନ କରିଛନ୍ତି । ବ୍ଲକ୍ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଦ୍ୱାରା ସ୍କୁଲ ଭେରିଫିକେସନ୍ ଓ ଛାତ୍ର ଆବେଦନ ପ୍ରକ୍ରିୟା ଜାରି ରହିଛି ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ